# NATIONAL NEWS BULLETIN (ODIA)
## 7 April - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ୍ ଗସ୍ତରେ ରାଷ୍ଟ୍ରପତି; ଆଜି ପ୍ରତିପକ୍ଷଙ୍କ ସହ କରିବେ ପ୍ରତିନିଧିସ୍ତରୀୟ ଆଲୋଚନା ।
- ଜାମ୍ମୁ କାଶ୍ମୀରରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ପାଇଁ ଗତ ସନ୍ଧ୍ୟାରେ ଜାମ୍ମୁରେ ପହଞ୍ଚିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ନୌସେନା କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟ ।
- ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବଦ୍‌କୁ ୭ ୱିକେଟ୍‌ରେ ପରାସ୍ତ କଲା ଗୁଜରାଟ ଟାଇଟନ୍ସ ।

# ପ୍ରେଜ୍-ପର୍ତ୍ତୁଗାଲ୍ ଭିଜିଟ୍

ପର୍ତ୍ତୁଗାଲ୍ ଏବଂ ସ୍ଲୋଭାକିଆକୁ ଗସ୍ତରେ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପର୍ତ୍ତୁଗାଲ୍‌ର ଲିସ୍‌ବନ୍ ଠାରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ପର୍ତ୍ତୁଗାଲ୍ ପ୍ରତିପକ୍ଷ ମାର୍ସେଲୋ ରିବେଲୋ ଡି ସୋସାଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିବେ । ସେ ମଧ୍ୟ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନିଗ୍ରୋ ଏବଂ ନ୍ୟାସନାଲ ଆସେମ୍ବ୍ଲିର ଅଧ୍ୟକ୍ଷ ଜୋସ୍ ପେଡ୍ରୋ ଆଗ୍ୱିଆର୍-ବ୍ରାଙ୍କୋ’ଙ୍କ ସହ ଆଲୋଚନା କରିବେ । ଲିସ୍‌ବନ୍‌ର ମେୟର ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି ।

ପର୍ତ୍ତୁଗାଲ୍‌ରେ ଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହ ରାଷ୍ଟ୍ରପତି ମତବିନିମୟ କରିବେ । ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଭାରତୀୟ ଗବେଷକଙ୍କୁ ରାଷ୍ଟ୍ରପତି ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଭାରତର ରାଷ୍ଟ୍ରପତିଙ୍କର ଏହା ହେଉଛି ପ୍ରଥମ ପର୍ତ୍ତୁଗାଲ ଗସ୍ତ । ଉଭୟ ଦେଶ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ରାଷ୍ଟ୍ରପତିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଇଛି ।

ସେହିଭଳି ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲିଗ୍ରିନିଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତା ୯ ଏବଂ ୧୦ ତାରିଖରେ ରାଷ୍ଟ୍ରପତି ମୁର୍ମୁ ସ୍ଲୋଭାକିଆ ଗସ୍ତରେ ଯିବେ । ସେଠାରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ସ୍ଲୋଭାକିଆ ପ୍ରତିପକ୍ଷ ପିଟର ପେଲିଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ୨୯ବର୍ଷ ପରେ ଭାରତର ରାଷ୍ଟ୍ରପତି ପ୍ରଥମଥର ପାଇଁ ସ୍ଲୋଭାକିଆ ଗସ୍ତରେ ଯାଉଛନ୍ତି ।

## ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଜାମ୍ମୁ ଅଞ୍ଚଳରେ ଆତଙ୍କବାଦ କାର୍ଯ୍ୟକଳାପକୁ ଖୁବ୍ ଶୀଘ୍ର ନିୟନ୍ତ୍ରଣକୁ ଅଣାଯିବ । ଜାମ୍ମୁର ତ୍ରିକୁଟ ନଗର ସ୍ଥିତ ବିଜେପି ମୁଖ୍ୟାଳୟ ଠାରେ ଜାମ୍ମୁ କାଶ୍ମୀର ଦଳୀୟ ବିଧାୟକଙ୍କ ସହ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରିବାରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ସୂଚନା ଯୋଗ୍ୟ ଜାମ୍ମୁ କାଶ୍ମୀରରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଗତ ସନ୍ଧ୍ୟାରେ ଜାମ୍ମୁ କାଶ୍ମୀର ଗସ୍ତରେ ଯାଇ ପହଞ୍ଚିଛନ୍ତି । ଏହି ଅବସରରେ ସେ ସୁରକ୍ଷା କର୍ମୀଙ୍କ ସହ ମତ ବିନିମୟ

କରିବା ସହିତ କେନ୍ଦ୍ର ଶାସିତ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଆନ୍ତର୍ଜାତିକ ସୀମା ଆଜି ପ୍ରଦର୍ଶନ କରିବା ସହିତ ଶ୍ରୀ ଶାହା କାଠୁଆ ଜିଲ୍ଲାର ବି.ଏସ୍.ଏଫ୍. ସୀମା ପୋଷ୍ଟ୍‌କୁ ଯାଇ ବାସ୍ତବ ସ୍ଥିତିର ଅନୁଧ୍ୟାନ କରିବେ । ଅପରାହ୍ଣରେ ଶ୍ରୀ ଶାହା ଜାମ୍ମୁ ରାଜଭବନରେ ଜାମ୍ମୁ କାଶ୍ମୀର ପୁଲିସ୍‌ର ସହିଦ୍‌ଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହିତ ଅନୁକମ୍ପା ଭିତ୍ତିରେ ମନୋନୀତ ହୋଇଥିବା କେତେକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ।

ଆଜି ସନ୍ଧ୍ୟାରେ ଶ୍ରୀ ଶାହା ଶ୍ରୀନଗର ଅଭିମୁଖେ ଯାତ୍ରା କରିବେ । ଆସନ୍ତାକାଲି ଶ୍ରୀନଗର ଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ସହିତ ଶ୍ରୀ ଅମରନାଥ ଯାତ୍ରାର ବାର୍ଷିକ ତୀର୍ଥ ଯାତ୍ରା ନେଇ ଆଲୋଚନା କରିବେ । ଏହି ଅବସରରେ ଭର୍ଚୁଆଲ୍ ମାଧ୍ୟମରେ କେତେକ ପ୍ରକଳ୍ପକୁ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ନାଭାଲ କମାଣ୍ଡର କନ୍‌ଫରେନ୍ସ

ନୌସେନା କମାଣ୍ଡର ସମ୍ମିଳନୀ ୨୦୨୫ର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଛି । ଚାରି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଶୀର୍ଷ ନୌସେନା କମାଣ୍ଡରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ

ରଣନୈତିକ, ପରିଚାଳନାଗତ ଏବଂ ପ୍ରଶାସନିକ ପ୍ରସଙ୍ଗ ଉପରେ ମତବିନିମୟ ହେବ । ଆଞ୍ଚଳିକ ଶାନ୍ତି, ନିରାପତ୍ତା ଏବଂ ସ୍ଥିରତା କ୍ଷେତ୍ରରେ ଭାରତୀୟ ନୌସେନାର ଅବଦାନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ଦ୍ୱିବାର୍ଷିକ ସମ୍ମିଳନୀ ଆୟୋଜନ କରାଯାଇଥାଏ । ଭାରତ-ମହାସାଗରୀୟ ଅଞ୍ଚଳରେ ପସନ୍ଦର ସୁରକ୍ଷା ସହଯୋଗୀ ଭାବରେ ଭାରତର ଭୂମିକା ଉପରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିଥାଏ । ଏହି ଦ୍ୱିତୀୟ ପର୍ଯ୍ୟାୟରେ ମାନବ ସମ୍ବଳ ବିକାଶ ପ୍ରଶିକ୍ଷଣ, ପ୍ରଶାସନ, ପରିଚାଳନା ଆଦି ବିଭିନ୍ନ କ୍ଷେତ୍ର ଉପରେ ବ୍ୟାପକ ସମୀକ୍ଷା କରାଯିବାର କାର୍ଯ୍ୟସୂଚୀ ରହିଛି । ତିନି ସେନା ମଧ୍ୟରେ ସମନ୍ୱୟ ବୃଦ୍ଧି ଲକ୍ଷ୍ୟ ନେଇ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍, ସେନା ମୁଖ୍ୟ ଏବଂ ବାୟୁସେନା ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ସାମରିକ ଶୀର୍ଷ ଅଧିକାରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ବୈଦେଶିକ ନୀତି ଏବଂ ଆନ୍ତର୍ଜାତିକ ସମ୍ପର୍କ ପ୍ରସଙ୍ଗରେ ଏହି ବୈଠକରେ  ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏବଂ ଭାରତର ଜି-୨୦ ସେର୍ପା ଅମିତାଭ କାନ୍ତ ଯୋଗଦେଇ ସେନା ଅଧିକାରୀଙ୍କ ସହ ମତବିନିମୟ କରିବେ ।

# ଆର୍‌ବିଆଇ-ଏମ୍‌ପିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ ଆଜିଠାରୁ ମୁମ୍ବାଇ ଠାରେ ଆରମ୍ଭ ହେଉଛି । ଚଳିତ ଆର୍ଥିକ ବର୍ଷ ପାଇଁ ଏହା ପ୍ରଥମ ମୁଦ୍ରାନୀତି ବୈଠକ । କେନ୍ଦ୍ରୀୟ ବ୍ୟାଙ୍କ୍ ଗୁଡ଼ିକ ପାଇଁ ଋଣ ହାର ନେଇ ଆସନ୍ତା ବୁଧବାର ଦିନ ବୈଠକ ପରେ ଘୋଷଣା କରାଯିବାର ସମ୍ଭାବନା ରହିଛି ।

ସୂଚନା ଯୋଗ୍ୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପ୍ରତି ଦୁଇ ମାସରେ ମୁଦ୍ରାନୀତି ବୈଠକ ଅନୁଷ୍ଠିତ ହୋଇଥାଏ । ଏଥିରେ କାରବାର, ମୁଦ୍ରାସ୍ଫିତି ଏବଂ ଅନ୍ୟାନ୍ୟ ଆର୍ଥିକ ସୂଚକାଙ୍କ ଆଧାରରେ ସୁଧହାର ନିର୍ଦ୍ଧାରଣ କରାଯାଇଥାଏ ।

# ୱାର୍ଲ୍ଡ ହେଲ୍‌ଥ ଡେ

ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ସମଗ୍ର ବିଶ୍ୱରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ସୁସ୍ଥ ଜୀବନଶୈଳୀ ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୭ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଅନ୍ୟ ପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଜି ହେଉଛି

ପ୍ରତିଷ୍ଠା ଦିବସ । ୧୯୪୮ ମସିହା ଏପ୍ରିଲ୍ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ ରହିଛି – 'ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ' ।

୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଦେଶବାସୀଙ୍କୁ ଶୁଳଭ ତଥା ନିରନ୍ତର ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେଗୁଡ଼ିକ ମଧ୍ୟରେ ଆୟୁଷ୍ମାନ୍ ଭାରତ, ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆଦି ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ୫୫ କୋଟିରୁ ଅଧିକ ହିତାଧିକାରୀ ସ୍ୱାସ୍ଥ୍ୟ ସୁବିଧା ପାଇପାରୁଛନ୍ତି । ଏହି ଯୋଜନା ଅଧୀନରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବିମା ପ୍ରଦାନ କରାଯାଉଛି । ଏ ପର୍ଯ୍ୟନ୍ତ ୪୦ କୋଟି ଆୟୁଷ୍ମାନ୍ କାର୍ଡ଼ ହିତାଧିକାରୀଙ୍କୁ ବଣ୍ଟନ କରାଯାଇସାରିଛି । ଦେଶରେ ଏ ପର୍ଯ୍ୟନ୍ତ ୧ ଲକ୍ଷ ୭୬ ହଜାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇଛି ।

## ସୋସିଆଲ୍ ଜଷ୍ଟିସ୍ ଚିନ୍ତନ ଶିବିର

ଉତ୍ତରାଖଣ୍ଡର ଡେରାଡୁନ୍ ଠାରେ ଆଜିଠାରୁ ଦୁଇ ଦିନିଆ ଚିନ୍ତନ ଶିବିର ଅନୁଷ୍ଠିତ ହେଉଛି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ

ପକ୍ଷରୁ ଆୟୋଜିତ ଏହି ଶିବିରରେ ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ସଶକ୍ତିକରଣ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ନେଇ ବିଚାରବିମର୍ଷ କରାଯିବ । ଦେଶର ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏବଂ ଅଂଶିଦାର  ଏହି ଶିବିରରେ ଯୋଗଦେଇ ପ୍ରମୁଖ ସାମାଜିକ ନ୍ୟାୟ ଓ କଲ୍ୟାଣ ମୂଳକ ପଦକ୍ଷେପ ଗୁଡ଼ିକ ଉପରେ ବିସ୍ତୃତ ମତବିନିମୟ କରିବେ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟରେ ଉନ୍ନତି ଆଣିବା ଏବଂ ତୃଣମୂଳ ସ୍ତରରେ ସରକାରୀ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ପହଞ୍ଚାଇବାକୁ ସୁନିଶ୍ଚିତ କରିବା ଏହି ଚିନ୍ତନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଏହି ଚିନ୍ତନ ଶିବିର ଅନୁଷ୍ଠିତ ହେବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ଗୋଷ୍ଠୀ ନେତୃତ୍ୱରେ ଜଳ ସଂରକ୍ଷଣ ଅଭିଯାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱଚ୍ଛ ଗଙ୍ଗା ଜାତୀୟ ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି. ଅଶୋକ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-

23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଯୋଗ-ଓଡ଼ିଶା

ଆୟୁଷ ମନ୍ତ୍ରଣାଳୟ ଅଧୀନରେ ମୋରାରଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ଯୋଗଦିବସର ୭୫ ଦିନିଆ ଅବଗଣନା ଅବସରରେ ଯୋଗ ମହୋତ୍ସବ ୨୦୨୫ର ଆୟୋଜନ କରାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଆଜି ଏକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୮ଟା ପର୍ଯ୍ୟନ୍ତ ଚାଲିବ । ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ ଏଥିରେ ଯୋଗ ଦେଇଛନ୍ତି ।

ସୂଚନା ଯୋଗ୍ୟ ଗତବର୍ଷ ମିଳିତ ଯୋଗ ମାର୍ଗଦର୍ଶିକାର ବ୍ରେଲ୍ ସଂସ୍କରଣର ଶୁଭାରମ୍ଭ ହୋଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ବିଜୟୀ ହୋଇଛି । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୭ ୱିକେଟ୍‌ରେ ଗୁଜରାଟ ଟାଇଟାନ୍ସ ପରାସ୍ତ କରିଛି । ଟସ୍ ଜିତି ଗୁଜରାଟ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ସନ୍‌ରାଇଜର୍ସ ୮ ୱିକେଟ୍‌ରେ ୧୫୨ରନ୍ ସଂଗ୍ରହ କରିଥିଲା । ଗୁଜରାଟ ପକ୍ଷରୁ ମହମ୍ମଦ ଶିରାଜ ୪ ୱିକେଟ୍ ଅକ୍ତିଆର କରିଥିବା ବେଳେ ସାଇ କିଶୋର ଏବଂ ପ୍ରସିଦ୍ଧ କ୍ରିଷ୍ଣା ୨ ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୧୫୩ରନ୍‌ର ବିଜୟ ଲକ୍ଷ୍ୟକୁ ଗୁଜରାଟର ୧୬ ଓଭର ୪ଟି ବଲ୍‌ରେ ୩ଟି ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଅଧିନାୟକ ଶୁଭମନ ଗିଲ୍ ଅପରାଜିତ ୬୧ରନ୍ ସଂଗ୍ରହ କରିଥିଲେ । ମହମ୍ମଦ ଶିରାଜଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

# ଆଇଏସ୍‌ଏସ୍‌ଏଫ୍ ଓ୍ୱାର୍ଲ୍ଡକପ୍

ପୂର୍ବତନ ବିଶ୍ୱ ଚାମ୍ପିୟନ୍ ଭାରତ ରୁଦ୍ରାଂଶ ବାଲାସାହେବ ପାଟିଲ୍ ଆଇ.ଏସ୍.ଏସ୍.ଏଫ୍. ବିଶ୍ୱକପ୍ ୨୦୨୫ ପ୍ରତିଯୋଗିତାର ପୁରୁଷ ବର୍ଗ ୧୦ ମିଟର ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଆଇ.ଏସ୍.ଏସ୍. ଓ୍ୱାର୍ଲ୍ଡକପ୍ ଟାଇଟଲ ହାସଲ କରିବାରେ ରୁଦ୍ରାଂଶଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ । ୨୦୨୩ରେ ସେ କାଇରୋ ଠାରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏଥିସହ ଏହି ପ୍ରତିଯୋଗିତାରେ ଭାରତ ଚୀନ୍ ସହ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଉଭୟ ଦେଶ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଆହୁରି ୮ଟି ବର୍ଗରେ ଫାଇନାଲ୍ ମ୍ୟାଚ୍ ଖେଳ ବାକି ଅଛି ।